ମହା ନିର୍ଦ୍ଦେଶକ, ଇ.ଏସ୍.ଆଇ. ନିଗମ ନୂଆଦିଲ୍ଲୀ ଏବଂ ଅନ୍ୟଜଣେ

ବନାମ

ଶ୍ରୀ ଏମ୍.ପି. ଜନ୍ ଏବଂ ଅନ୍ୟମାନେ

1 ଡିସେମ୍ବର 1998

[ଶ୍ରୀମତୀ ସୁଜାତା ଭି. ମନୋହାର ଏବଂ ଜି.ବି. ପଟ୍ଟନାଏକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ - ପୂର୍ବତନ ସୈନିକ - ପୁନଃ ନିଯୁକ୍ତି - ବେତନ ନିର୍ଦ୍ଧାରଣ - ତା 8.2.1983 ରିଖର ସରକାରୀ ଆଦେଶ ଏବଂ ତା 25.11.1958 ରିଖର ସ୍ମାରକ ପତ୍ର - ପୁନଃନିଯୁକ୍ତି ଉପରେ ନିର୍ଦ୍ଧାରିତ ସର୍ବନିମ୍ନ ହାରରେ ବେତନ ନିର୍ଦ୍ଧାରଣ - ଅସୁବିଧା କ୍ଷେତ୍ରରେ ଉଚ୍ଚ ସ୍ତରରେ ବେତନ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା - ତା 19.9.85 ରିଖର ସରକାରୀ ଆଦେଶ - ପୁନଃନିଯୁକ୍ତ ଅବସରକାଳୀନ ଭତ୍ତାଧାରୀଙ୍କ ବେତନ ନିର୍ଦ୍ଧାରଣ - ସର୍ବନିମ୍ନ ହାରରେ ବେତନ ନିର୍ଦ୍ଧାରଣ ପାଇଁ ବ୍ୟବସ୍ଥା - ସାମରିକ କର୍ତ୍ତୃପକ୍ଷଙ୍କଠାରୁ ସମ୍ପୂର୍ଣ୍ଣ ଅବସରକାଳୀନ ଭତ୍ତା ନେବାର ଅଧିକାର - ଉତ୍ତରଦାତା ଜଣକ ପୂର୍ବତନ ସୈନିକ - ଅପିଲକାରୀ-ନିଗମରେ ପୁନଃ ନିଯୁକ୍ତ - ସର୍ବନିମ୍ନ ହାରରେ ତାଙ୍କର ଦରମା ସ୍ଥିର ହୋଇଥିଲା - ସମ୍ପୂର୍ଣ୍ଣ ଅବସରକାଳୀନ ଭତ୍ତା ପାଇବାର ମଧ୍ୟ ଅଧିକାର ରହିଛି - ତାଙ୍କର ଯୁକ୍ତି ଯେ ପୁନଃନିଯୁକ୍ତ ହେବା ପରେ ତାଙ୍କ ଦରମା ନିର୍ଦ୍ଧାରଣ କରିବାରେ ତାଙ୍କ ଅବସରକାଳୀନ ଭତ୍ତାକୁ ଅଣଦେଖା କରାଯିବା ଉଚିତ - ଏହାର ପ୍ରତ୍ୟାଖ୍ୟାନ - ଉତ୍ତରଦାତାଙ୍କ କ୍ଷେତ୍ରରେ ତା 25.11.58 ରିଖର ସରକାରୀ ଆଦେଶ ଅନୁଯାୟୀ ପରିକଳ୍ପିତ ପରି କୌଣସି ଅସୁବିଧା ନଥିଲା - ତେଣୁ ତା 8.2.83 ରିଖର ସରକାରୀ ଆଦେଶ ଅନୁଯାୟୀ ତାଙ୍କର ବେତନ ନିର୍ଦ୍ଧାରଣ ଉପଯୁକ୍ତ ଥିଲା - ନ୍ୟାୟାଧିକରଣ ଏହି ଉପସଂହାରରେ ଉପନୀତ ହେବାରେ ଠିକ୍ ନଥିଲେ ଯେ ପ୍ରତିବାଦୀଙ୍କ ପ୍ରାରମ୍ଭିକ ଦରମା ତାଙ୍କ ଅବସରକାଳୀନ ଭତ୍ତାକୁ ଅଣଦେଖା କରି ସାମରିକ ସେବାର ପ୍ରତ୍ୟେକ ସମ୍ପୂର୍ଣ୍ଣ ବର୍ଷ ପାଇଁ ତାଙ୍କୁ ଗୋଟିଏ ବେତନ ବୃଦ୍ଧି ଦେଇ ସ୍ଥିର କରାଯିବା ଉଚିତ - ତେଣୁ ନ୍ୟାୟାଧିକରଣଙ୍କ ଆକ୍ଷେପିତ ଆଦେଶକୁ ବାତିଲ କରିଦିଆଯାଇଛି ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା : 1994 ର ଦେୱାନୀ ଅପିଲ ସଂଖ୍ୟା 6872-6875 ।

1988 ମସିହାର ଓ.ଏ. ସଂଖ୍ୟା K 477/88, K 504, K 505 ଏବଂ 525 ରେ ଏର୍ଣ୍ଣାକୁଲମର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ତା 14.3.90 ରିଖର ରାୟ ଏବଂ ଆଦେଶରୁ ।

ସହିତ

ଦେୱାନୀ ଅପିଲ ସଂଖ୍ୟା 7622-23/1994 ଏବଂ ଦେୱାନୀ ଅପିଲ ସଂଖ୍ୟା 6890/1994 ।

ଅପିଲକାରୀଙ୍କ ପାଇଁ ଅଧିବକ୍ତା ଏସ୍.କେ. ଗମ୍ଭୀର ଏବଂ ଦିବାକର ଚତୁର୍ବେଦୀ ।

ଏମ୍.ଏମ୍. କାଶ୍ୟପଙ୍କ ପାଇଁ ଭି.ସି. ମହାଜନ, ରୟ ଇବ୍ରାହିମ୍, (ସୁଧୀର ପି.ଏସ୍.), ଏସ୍. ଡବ୍ଲ୍ୟୁ.ଏ. କାଦରୀଙ୍କ ପାଇଁ (ସୁଶ୍ରୀ ଅମିତା ବର୍ମା) ଏବଂ ଉତ୍ତରଦାତାମାନଙ୍କ ପାଇଁ ସୁଶ୍ରୀ ଅନୀଲ କଟିୟାର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

# ମହା ନିର୍ଦ୍ଦେଶକ, ଇ.ଏସ୍.ଆଇ. ନିଗମ ବନାମ ଏମ୍.ପି. ଜନ୍

ଦେୱାନୀ ଅପିଲ ସଂଖ୍ୟା 6872-6875 ଏବଂ 7622-23/94 ।

ଅପିଲକାରୀଙ୍କ ପାଇଁ ବିଦ୍ୱାନ ଓକିଲ ଦର୍ଶାଇଛନ୍ତି ଯେ *ଭାରତ ସଂଘ ଏବଂ ଅନ୍ୟମାନେ ବନାମ ଜି. ବାସୁଦେବନ ପିଲ୍ଲେ ଏବଂ ଅନ୍ୟମାନେ,* (1995) 1 JT 417 ରେ ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି ସେମାନେ ଏହି ଅପିଲଗୁଡ଼ିକୁ ଗୁରୁତ୍ୱ ଦେଉ ନାହାଁନ୍ତି । ଗୁରୁତ୍ୱ ଦିଆଯାଇନଥିବା କାରଣରୁ ଅପିଲକୁଡ଼ିକୁ ଖାରଜ କରିଦିଆଯାଇଛି ।

ଦେୱାନୀ ଅପିଲ ସଂଖ୍ୟା 6890/94 ।

ଉତ୍ତରଦାତା ସଂଖ୍ୟା 1 ଯିଏ ଜଣେ ପୂର୍ବତନ ସୈନିକ ଥିଲେ, ତାଙ୍କୁ ଅପିଲକାରୀ-ନିଗମ ଦ୍ୱାରା ଅଧସ୍ତନ କିରାଣୀ ଭାବରେ ପୁନଃ ନିଯୁକ୍ତ କରାଯାଇଥିଲା । ତାଙ୍କ ଦରମା ସର୍ବନିମ୍ନ ବେତନ ହାରରେ ସ୍ଥିର ହୋଇଥିଲା ଏବଂ ସେ ଜଣେ ପୂର୍ବତନ ସୈନିକ ଭାବରେ ତାଙ୍କର ସମ୍ପୂର୍ଣ୍ଣ ଅବସରକାଳୀନ ଭତ୍ତା ପାଇବାକୁ ମଧ୍ୟ ହକଦାର ଥିଲେ । ତା 8.2.83 ରିଖର ସରକାରୀ ଆଦେଶରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ବ୍ୟବସ୍ଥା ରହିଛି ଯେ 55 ବର୍ଷ ବୟସ ପୂର୍ବରୁ ଅବସର ଗ୍ରହଣ କରିଥିବା ଏବଂ ପୁନଃନିଯୁକ୍ତ ହୋଇଥିବା ପୂର୍ବତନ ସୈନିକମାନଙ୍କ କ୍ଷେତ୍ରରେ (ଜଣେ କମିଶନ୍ ଅଫିସର ପାହ୍ୟା ତଳେ ଥିବା କର୍ମଚାରୀଙ୍କ କ୍ଷେତ୍ରରେ) ପୁନଃନିଯୁକ୍ତି ଉପରେ ଦରମା ସ୍ଥିର କରିବାରେ ସମ୍ପୂର୍ଣ୍ଣ ଅବସରକାଳୀନ ଭତ୍ତାକୁ ଅଣଦେଖା କରାଯାଇପାରିବ । ଏହି ସରକାରୀ ଆଦେଶ ତା 25.11.58 ରିଖର କାର୍ଯ୍ୟାଳୟ ସ୍ମାରକ ପତ୍ର ସହିତ ଉପଯୁକ୍ତ ସମୟରେ କାର୍ଯ୍ୟକାରୀ ହୋଇଥିଲା ।

ତା 25.11.58 ରିଖର କାର୍ଯ୍ୟାଳୟ ସ୍ମାରକ ପତ୍ର ଅନୁଯାୟୀ, ପୁନଃ ନିଯୁକ୍ତ ଅବସରକାଳୀନ ଭତ୍ତାଭୋଗୀମାନଙ୍କୁ କେବଳ ନିର୍ଦ୍ଧାରିତ ବେତନ ହାରରେ ଅନୁମତି ଦିଆଯାଇଥିଲା । ପୁନଃନିଯୁକ୍ତି କ୍ଷେତ୍ରରେ ପ୍ରାରମ୍ଭିକ ଦରମା, ପୂର୍ବତନ ସୈନିକଙ୍କୁ ପୁନଃନିଯୁକ୍ତି ଦିଆଯାଇଥିବା ପଦବୀ ପାଇଁ ନିର୍ଦ୍ଧାରିତ ସର୍ବନିମ୍ନ ବେତନ ହାରରେ ସ୍ଥିର କରାଯିବା ଆବଶ୍ୟକ ଥିଲା । ତଥାପି, ଏହା ବ୍ୟବସ୍ଥା କରାଯାଇଥିଲା ଯେ ଯେଉଁଠାରେ ଜଣେ ପୁନଃନିଯୁକ୍ତ ବ୍ୟକ୍ତିଙ୍କ ପ୍ରାରମ୍ଭିକ ବେତନ ସ୍ଥିରୀକରଣ, ନିର୍ଦ୍ଧାରିତ ବେତନର ସର୍ବନିମ୍ନ ହାରରେ ସ୍ଥିର ହେବା ଦ୍ୱାରା ଅସୁବିଧା ସୃଷ୍ଟି ହେବ, ସେଠାରେ ଅଧିକାରୀ ଯେଉଁ ପଦବୀରେ ପୁନଃନିଯୁକ୍ତ ହୋଇଥିଲେ ତାହାଠାରୁ କମ୍ ହୋଇନଥିବା, ଅବସର ପୂର୍ବରୁ ପ୍ରଦାନ କରିଥିବା ପ୍ରତ୍ୟେକ ବର୍ଷର ସେବା ପାଇଁ ଗୋଟିଏ ବେତନ ବୃଦ୍ଧିକୁ ଅନୁମତି ଦେଇ ଏକ ଉଚ୍ଚ ହାରରେ ବେତନ ସ୍ଥିର କରାଯାଇପାରିବ । ଏହି କାର୍ଯ୍ୟାଳୟ ସ୍ମାରକପତ୍ର ସମ୍ବନ୍ଧରେ ଜାରି କରାଯାଇଥିବା ସ୍ପଷ୍ଟୀକରଣ ଅନୁଯାୟୀ, "ଅସୁବିଧା" କୁ ନିମ୍ନମତେ ବ୍ୟାଖ୍ୟା କରାଯାଇଥିଲା :-

> "ଯଦି ପୁନଃନିଯୁକ୍ତ ହେବା ପରେ, ପୂର୍ବତନ ସୈନିକଙ୍କ ଦ୍ୱାରା ପ୍ରାପ୍ତ ମୋଟ ରାଶି ଯଥା ସର୍ବନିମ୍ନ ବେତନ ହାରରେ ଅବସରକାଳୀନ ଭତ୍ତା ଏବଂ ଅବସରକାଳୀନ ଭତ୍ତା ସମତୁଲ୍ୟ ଗ୍ରାଚ୍ୟୁଇଟି, ଅଣଦେଖା ହେଉ କିମ୍ବା ନ ହେଉ, ଅବସର ସମୟରେ ନିଆଯାଇଥିବା ଶେଷ ବେତନଠାରୁ କମ୍ ହୋଇଥାଏ, ଯେବେ ଅସୁବିଧା ପରିସ୍ଥିତି ଉପୁଜିଥାଏ ।"

ତା 19.9.1985 ରିଖରେ, ପୁନଃ ନିଯୁକ୍ତ ଅବସରକାଳୀନ ଭତ୍ତାଭୋଗୀ (ପୂର୍ବତନ ସୈନିକ) ଙ୍କ ଦରମା ସ୍ଥିର କରିବା ସମ୍ବନ୍ଧୀୟ ଅନ୍ୟ ଏକ କାର୍ଯ୍ୟାଳୟ ସ୍ମାରକପତ୍ର ଜାରି କରାଯାଇଥିଲା । ଖଣ୍ଡ-I ଅନୁଯାୟୀ, ତା 25.1.83 ରିଖରେ କିମ୍ବା ତା 'ପରେ ପୁନଃନିଯୁକ୍ତ ଅଣ-ଆୟୋଗ ଅଧିକାରୀ ପାହ୍ୟା ପର୍ଯ୍ୟନ୍ତ ପୂର୍ବତନ ସୈନିକଙ୍କ ଦରମା ଭାରତ ସରକାରଙ୍କ ତା 25.11.58 ରିଖର ଆଦେଶ ଅନୁଯାୟୀ ସର୍ବନିମ୍ନ ବେତନ ହାରରେ ସ୍ଥିର କରାଯାଇପାରିବ ଏବଂ ସେମାନେ ଆଦେଶ ନିର୍ଦ୍ଧାରିତ ଅନ୍ୟାନ୍ୟ ସର୍ତ୍ତାବଳୀ ପୂରଣ କରିବା ସହିତ ସାମରିକ କର୍ତ୍ତୃପକ୍ଷଙ୍କଠାରୁ ସମ୍ପୂର୍ଣ୍ଣ ଅବସରକାଳୀନ ଭତ୍ତା ଉଠାଇବାକୁ ହକଦାର ହେବେ ।

ବର୍ତ୍ତମାନର ମାମଲାରେ, ଉତ୍ତରଦାତାଙ୍କୁ ତା 29.1.85 ରିଖରେ ପୁନଃ ନିଯୁକ୍ତ କରାଯାଇଥିଲା ଏବଂ ପୁନଃ ନିଯୁକ୍ତି ଉପରେ ତାଙ୍କର ବେତନ ନିର୍ଦ୍ଧାରଣ ତା 8.2.83 ରିଖର ସରକାରୀ ଆଦେଶ ଏବଂ ତା 25.11.58 ରିଖର କାର୍ଯ୍ୟାଳୟ ସ୍ମାରକପତ୍ର ଅନୁଯାୟୀ କରାଯାଇଥିଲା । ଉତ୍ତରଦାତା ଦାବି କରିଛନ୍ତି ଯେ, ତା 8.2.83 ରିଖର ସରକାରୀ ଆଦେଶ ଅନୁଯାୟୀ, ପୁନଃ ନିଯୁକ୍ତି ଉପରେ ତାଙ୍କର ଦରମା ନିର୍ଦ୍ଧାରଣ କରିବା ସମୟରେ ତାଙ୍କର ଅବସରକାଳୀନ ଭତ୍ତାକୁ ଅଣଦେଖା କରାଯିବା ଉଚିତ । ତେଣୁ ତାଙ୍କ ପେନସନକୁ ତା 25.11.58 ରିଖର କାର୍ଯ୍ୟାଳୟ ସ୍ମାରକପତ୍ର ଅନୁଯାୟୀ ଅସୁବିଧା ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ବିଚାରକୁ ନିଆଯାଇପାରିବ ନାହିଁ । ଏହି ଯୁକ୍ତିର କୌଣସି ଯଥାର୍ଥତା ଥିବା ପରି ମନେ ହେଉନାହିଁ । ତା 8.2.83 ରିଖର ସରକାରୀ ଆଦେଶ ଅନୁଯାୟୀ ବେତନ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଅବସରକାଳୀନ ଭତ୍ତାକୁ ଅଣଦେଖା କରାଯିବା ଆବଶ୍ୟକ । ପୁନଃ ନିଯୁକ୍ତ ହୋଇଥିବା ପୂର୍ବତନ ସୈନିକ ସର୍ବନିମ୍ନ ବେତନ ହାର ପାଇବେ ଏବଂ ଏହା ବ୍ୟତୀତ, ସେ ସାମରିକ ପ୍ରାଧିକାରୀଙ୍କ ଠାରୁ ପୂର୍ବତନ ସୈନିକ ଭାବରେ ତାଙ୍କର ସମ୍ପୂର୍ଣ୍ଣ ଅବସରକାଳୀନ ଭତ୍ତା ମଧ୍ୟ ପାଇବେ । ଏହା କହିବାର ଅର୍ଥ ହେଉଛି ପୁନଃନିଯୁକ୍ତି ଉପରେ ଦରମା ସ୍ଥିର କରିବା ସମୟରେ ଅବସରକାଳୀନ ଭତ୍ତାକୁ ଅଣଦେଖା କରାଯିବ ।

ତା 25.11.58 ରିଖର କାର୍ଯ୍ୟାଳୟ ସ୍ମାରକପତ୍ର ଏକ ଭିନ୍ନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ । ତା 25.11.58 ରିଖର ସରକାରୀ ଆଦେଶ ନିଯୁକ୍ତିଦାତାଙ୍କୁ କଷ୍ଟକର ପରିସ୍ଥିତିରେ ପୁନଃନିଯୁକ୍ତ ପୂର୍ବତନ ସୈନିକଙ୍କ ଯୋଗଦାନ ସମୟରେ ନିର୍ଦ୍ଧାରିତ ବେତନ ହାରରେ କେତେକ ବୃଦ୍ଧି ପ୍ରଦାନ କରିବାକୁ ସକ୍ଷମ କରିଥାଏ । ଏହି ଅସୁବିଧାକୁ ଏପରି ଭାବରେ ବ୍ୟାଖ୍ୟା କରାଯାଇଛି ଯେ ଯଦି ପୁନଃନିଯୁକ୍ତ ହେବା ପରେ ତାଙ୍କର ଦରମା ଓ ଅବସରକାଳୀନ ଭତ୍ତା, ସାମରିକ ସେବାରେ ଥିବା ସମୟରେ ତାଙ୍କର ଶେଷ ଦରମା ଠାରୁ କମ୍ ହୋଇଯାଏ । କାର୍ଯ୍ୟାଳୟ ସ୍ମାରକପତ୍ର ପେନସନକୁ "ଅଣଦେଖା ହେଉ କିମ୍ବା ନ ହେଉ" ସ୍ପଷ୍ଟ ଭାବରେ ସୂଚିତ କରେ । ତେଣୁ ଯେଉଁ ଅବସରକାଳୀନ ଭତ୍ତାକୁ ବେତନ ନିର୍ଦ୍ଧାରଣ ଉଦ୍ଦେଶ୍ୟରେ ଅଣଦେଖା କରାଯାଇଥାଏ, ତାହାକୁ ପୂର୍ବତନ ସୈନିକଙ୍କ ପାଇଁ କୌଣସି ଆର୍ଥିକ ଅସୁବିଧା ଅଛି କି ନାହିଁ ତାହା ସ୍ଥିର କରିବା ଉଦ୍ଦେଶ୍ୟରେ ତା 25.11.58 ରିଖର ସରକାରୀ ଆଦେଶ ଅନୁଯାୟୀ ବିଚାର କରାଯାଇପାରେ । ଏହାକୁ କୌଣସି ପ୍ରକାରେ ପୁନଃନିଯୁକ୍ତିର ସର୍ବନିମ୍ନ ହାରରେ ବେତନ ଅନୁଦାନ ଧାର୍ଯ୍ୟ କରୁଥିବା ତା 8.2.83 ରିଖର ସରକାରୀ ଆଦେଶ ସହିତ ବିରୋଧାଭାସ ଭାବରେ ବିବେଚନା କରାଯାଇପାରିବ ନାହିଁ । ପରବର୍ତ୍ତୀଟି ସେହି ବେତନକୁ ନିୟନ୍ତ୍ରଣ କରେ ଯାହା ଜଣେ ପୂର୍ବତନ ସୈନିକ ପୁନଃ ନିଯୁକ୍ତି ପରେ ସାଧାରଣ ଭାବେ ପାଇବେ । ଏଥିରେ ଆହୁରି ମଧ୍ୟ ଉଲ୍ଲେଖ ରହିଛି ଯେ, ଏହା ସହିତ ସେ

ଅବସରକାଳୀନ ଭତ୍ତା ମଧ୍ୟ ପାଇବେ, ଯାହାକୁ ବେତନ ନିର୍ଦ୍ଧାରଣ ପାଇଁ ଅଣଦେଖା କରିବାକୁ ପଡିବ । ବେତନ ହାରରେ ସର୍ବନିମ୍ନ ମଞ୍ଜୁର କରିବାର ଏହି ନିୟମରୁ ପ୍ରସ୍ଥାନ କେବଳ ଅସୁବିଧା କ୍ଷେତ୍ରରେ ଅନୁମତିପ୍ରାପ୍ତ ଏବଂ ତାହା ମଧ୍ୟ ଅନୁମୋଦିତ ସୀମା ପର୍ଯ୍ୟନ୍ତ । ଉତ୍ତରଦାତାଙ୍କ କ୍ଷେତ୍ରରେ ତା 25.11.58 ରିଖର ସରକାରୀ ଆଦେଶ ଅନୁଯାୟୀ କୌଣସି ଅସୁବିଧା ନାହିଁ । ତେଣୁ ତା 8.2.83 ରିଖର ସରକାରୀ ଆଦେଶ ଅନୁଯାୟୀ ତାଙ୍କର ବେତନ ନିର୍ଦ୍ଧାରଣ ଉପଯୁକ୍ତ ।

ତେଣୁ ନ୍ୟାୟାଧିକରଣ ଏହି ଉପସଂହାରରେ ପହଞ୍ଚିବା ଠିକ୍ ନୁହେଁ ଯେ ଉତ୍ତରଦାତାଙ୍କ ପ୍ରାରମ୍ଭିକ ଦରମା ତାଙ୍କ ଅବସରକାଳୀନ ଭତ୍ତାକୁ ଅଣଦେଖା କରି ସାମରିକ ସେବାର ପ୍ରତ୍ୟେକ ସମ୍ପୂର୍ଣ୍ଣ ବର୍ଷ ପାଇଁ ଗୋଟିଏ ବେତନ ବୃଦ୍ଧି ଦେଇ ସ୍ଥିର କରାଯିବା ଉଚିତ, ତେଣୁ ନ୍ୟାୟାଧିକରଣଙ୍କ ଆକ୍ଷେପିତ ଆଦେଶକୁ ବାତିଲ କରିଦିଆଯାଇଛି ଏବଂ ଅପିଲକୁ ଅନୁମତି ଦିଆଯାଇଛି । ତେବେ, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଟି.ଏନ୍.ଏ. ଅପିଲକୁ ଅନୁମତି ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର :</u>*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।